# NATIONAL NEWS BULLETIN (ODIA)

## 9 March - 2026

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା ଦାବି କରି ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ।

– ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କାର୍ଯ୍ୟ ସ୍ଥିତି ନେଇ ରାଜ୍ୟସଭାରେ ଆଲୋଚନା ।

- ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୋଲକାତାରେ ବୈଠକ ଅନୁଷ୍ଠିତ ।

- ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ସଂକ୍ରାନ୍ତରେ ଆଲୋଚନା ପାଇଁ ଆଜି ଅନୁଷ୍ଠିତ ହେବ ଜି-୭ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀ ଜରୁରୀକାଳୀନ ବୈଠକ ।

ଏବଂ

● ମହିଳା ଏଫ୍.ଆଇ.ଏଚ୍. ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ହାଇଦ୍ରାବାଦ୍‌ଠାରେ ଭାରତ-ସ୍କଟ୍‌ଲ୍ୟାଣ୍ଡ ମଧ୍ୟରେ ହେବ ମ୍ୟାଚ୍ ।

## ଏଲ୍‌ଏସ୍-ଆଡଜର୍ଣ୍ଣ

ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆଲୋଚନା ଦାବି କରି ବିରୋଧି ଦଳଗୁଡ଼ିକ ପକ୍ଷରୁ ଲୋକସଭାରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଦ୍ୱିତୀୟଥର ମୁଲତବୀ ପରେ ଅପରାହ୍ଣ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଅଧ୍ୟକ୍ଷତା କରୁଥିବା ସଦସ୍ୟ ଜଗଦମ୍ବିକା ପାଲ’ କଂଗ୍ରେସ ସଦସ୍ୟ ମହମ୍ମଦ ଜାଭେଦଙ୍କୁ ଆଜିର କାର୍ଯ୍ୟସୂଚୀ ମଧ୍ୟରେ ରହିଥିବା ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ପ୍ରସ୍ତାବ ଆଗତ କରିବାକୁ କହିଥିଲେ ।

କିନ୍ତୁ ବିରୋଧି ଦଳ ସଦସ୍ୟମାନେ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା ଦାବି କରି ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ । କଂଗ୍ରେସ, ଟି.ଏମ୍.ସି., ଡି.ଏମ୍.କେ., ସମାଜବାଦୀ ପାର୍ଟି ତଥା ଅନ୍ୟାନ୍ୟ ବିରୋଧି ସଦସ୍ୟ ଏଥିରେ ସାମିଲ ହୋଇଥିଲେ । ଗୃହର ଅଧ୍ୟକ୍ଷ ଶ୍ରୀ ପାଲ

କହିଥିଲେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶୂନ୍ୟକାଳରେ ପଶ୍ଚିମ ଏସିଆ ପରିସ୍ଥିତି ସମ୍ପର୍କରେ ବିବୃତ୍ତି ଉପସ୍ଥାପନ କରିସାରିଥିବାରୁ ଏହି ପ୍ରସଙ୍ଗ ଉପରେ ଅଧିକ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ । ବିରୋଧି ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବା ସହ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଶ୍ରୀ ପାଲ ଅନୁରୋଧ କରିଥିଲେ । ବିରୋଧି ସଦସ୍ୟଙ୍କ ଏପରି ଆଚରଣ ଉପରେ ଚିନ୍ତାପ୍ରକଟ କରି ଶ୍ରୀ ପାଲ କହିଥିଲେ, ଏଭଳି ବିଭ୍ରାଟ ଯୋଗୁଁ ସରକାରୀ ରାଜକୋଷ ପ୍ରଭାବିତ ହେଉଛି । ତେବେ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ନ ଘଟିବାରୁ ଅଧ୍ୟକ୍ଷ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଆଜି ପୂର୍ବାହ୍ନ ୧୦ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଦିବଙ୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ସେମାନଙ୍କ ସ୍ମୃତିରେ କିଛି ସମୟ ନିରବତା ଅବଲମ୍ବନ କରାଯାଇଥିଲା । ଏହା ପରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ୧୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ବିଜେତା ଭାରତୀୟ ଦଳକୁ ସଦସ୍ୟମାନେ ଅଭିନନ୍ଦନ ଜଣାଇଥିଲେ । ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଏକ ବିବୃତ୍ତି ପ୍ରଦାନ କରିଥିଲେ । ତେବେ ଶ୍ରୀ ଜୟଶଙ୍କରଙ୍କ ବିବୃତ୍ତି ପ୍ରଦାନ ସମୟରେ ବିରୋଧି ସଦସ୍ୟ ପ୍ଲାକାର୍ଡ଼ ଧରି ଗୃହରେ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା ଦାବି କରିବା ସହ

ହଟ୍ଟଗୋଳ ସୃଷ୍ଟି କରିଥିଲେ । ଫଳରେ ଗୃହକୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

## ଆର୍‌ଏସ୍‌-ଡିସ୍‌କସନ୍‌

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟ ସ୍ଥିତି ନେଇ ରାଜ୍ୟସଭାରେ ଆଜି ଆଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି ବିଜେପିର ଘନଶ୍ୟାମ ତିୱାରୀ କହିଛନ୍ତି, ପ୍ରାଚୀନ କାଳରୁ ଭାରତର ସଂସ୍କୃତି ପ୍ରକୃତି ଓ ପରିବେଶ ସହିତ ଜଡ଼ିତ । ଜଙ୍ଗଲ ବୃଦ୍ଧି ତଥା ପରିବେଶ ସୁରକ୍ଷା ନେଇ ସରକାରଙ୍କ ପଦକ୍ଷେପକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ୱାଇ.ଏସ୍.ଆର୍.ସି.ପି.ର ସଦସ୍ୟ ଅଯୋଧ୍ୟା ରାମିରେଡ୍ଡୀ ଆଲ୍ଲା ଆଲୋଚନାରେ ଭାଗ ନେଇ ଜଳସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଜେଡ଼ିର ସୁଭାଶିଶ ଖୁଣ୍ଟିଆ ଓଡ଼ିଶାରେ ସମୁଦ୍ର କ୍ଷୟ ପ୍ରସଙ୍ଗ ଉତ୍ଥାପନ କରି କହିଛନ୍ତି, ଅର୍ଥନୈତିକ ବିକାଶ ଏବଂ ପରିବେଶ ସୁରକ୍ଷାକୁ ସନ୍ତୁଳିତ କରିବା ବର୍ତ୍ତମାନର ଏକ ବଡ଼ ଆହ୍ୱାନ । ଦିଲ୍ଲୀରେ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ଆପ୍ ସଦସ୍ୟ ସ୍ୱାତୀ ମାଲିୱାଲ୍ ସାର୍ବଜନିନ ପରିବହନ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଆଲୋଚନାରେ ମନୋନୀତ ସଦସ୍ୟ ଉଜ୍ଜ୍ୱଳ ନିକମ, ଟି.ଡି.ପି.ର ମସ୍ତାନା ରାଓ ଯାଦବ ବିଧା, ଜେ.ଡି.ଏସ୍. ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ

ଏଚ୍.ଡି. ଦେବଗୌଡ଼ା, ଏ.ଆଇ.ଏ.ଡି.ଏମ୍.କେ.ର ଏମ୍. ଧନପାଲ, ବି.ଆର୍.ଏସ୍.ର ରବିଚନ୍ଦ୍ର ଭାଡ଼ି ରାଜୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଲୋଚନା ଅମିମାଂଶିତ ରହିଛି । ଏହା ପରେ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଦିଲ୍ଲୀ ଏୟାର୍‌ପୋର୍ଟ୍ ଆଡ୍‌ଭାଇଜରି

ପଶ୍ଚିମ ଏସିଆ ଅଞ୍ଚଳକୁ ଉଡ଼ାଣ କରୁଥିବା ଆନ୍ତର୍ଜାତିକ ବିମାନ ଗୁଡ଼ିକରେ ବିଳମ୍ବ କିମ୍ବା ସମୟସୂଚୀରେ ପରିବର୍ତ୍ତନର ସମ୍ଭାବନା ରହିଛି ବୋଲି ଦିଲ୍ଲୀ ବିମାନ ବନ୍ଦର ସୂଚନା ଦେଇଛି । ଏ ସଂକ୍ରାନ୍ତ ଏକ ଯାତ୍ରା ପରାମର୍ଶବଳୀ ବିମାନବନ୍ଦର ପକ୍ଷରୁ ଜାରି କରାଯାଇଛି । ବିମାନ ବନ୍ଦରକୁ ଯାତ୍ରା ପୂର୍ବରୁ ସମ୍ପୃକ୍ତ ବିମାନ କମ୍ପାନୀଗୁଡ଼ିକ ସହିତ ଉଡ଼ାଣର ସ୍ଥିତି ନେଇ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଆକାଶପଥ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳକୁ ଯାତ୍ରା କରୁଥିବା ବିମାନ ଗୁଡ଼ିକ ନିର୍ଦ୍ଧାରିତ ସମୟ ଅନୁଯାୟୀ ଯାତ୍ରା କରୁଛି ବୋଲି ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ।

# କୋଲକାତା-ଇସିଆଇ ମିଟିଂ

ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଲକାତା ଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱୀକୃତି ପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଯୋଗଦେଇଥିଲେ । ଏହି ବୈଠକ ପରେ ଆୟୋଗ ରାଜ୍ୟର ପୁଲିସ୍ ବିଭାଗର ବରିଷ୍ଠ ପଦାଧିକାରୀ ତଥା ଜିଲ୍ଲା ଅଧିକାରୀମାନଙ୍କ ସହ ପରିସ୍ଥିତିର ସମୀକ୍ଷା କରିଛନ୍ତି ।

ଆସନ୍ତାକାଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପୁଲିସ୍ ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବାହିନୀର ନୋଡାଲ୍ ଅଧିକାରୀଙ୍କ ସହ ଆୟୋଗ ନିର୍ବାଚନ ପ୍ରସ୍ତୁତି ନେଇ ବୈଠକ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହା ପରେ ଆୟୋଗ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

# ହେଲ୍‌ଥ-ପୋଷ୍ଟ ବଜେଟ୍ ୱେବିନାର

ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବଜେଟ୍ ପ୍ରସ୍ତାବ ସମ୍ପର୍କିତ ଏକ ୱେବିନାର ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହୋଇଛି । ସବ୍ କା ସାଥ୍, ସବ୍ କା ବିକାଶ – ଲୋକଙ୍କ ଆକାଂକ୍ଷା ପୂରଣ  ପ୍ରସଙ୍ଗ ଆଧାରରେ ଏହି ୱେବିନାର ଅନୁଷ୍ଠିତ ହୋଇଛି । ଦ୍ୱିତୀୟ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ନ୍ୟୁରୋ ସାଇନ୍ସ ପ୍ରତିଷ୍ଠାନ – ନିମ୍ହାନ୍ସ ପ୍ରତିଷ୍ଠା ଏବଂ ଦେଶ ବ୍ୟାପି ପ୍ରମୁଖ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଗୁଡ଼ିକର ଉନ୍ନତି ମାଧ୍ୟମରେ ଦେଶରେ ମାନସିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ୱେବିନାରରେ ମତବିନିମୟ ହୋଇଛି । ଦ୍ୱିତୀୟ ନିମ୍ହାନ୍ସ ପ୍ରତିଷ୍ଠା ତଥା କାର୍ଯ୍ୟକ୍ଷମ ଥିବା ମାନସିକ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଉନ୍ନତି ଦ୍ୱାରା ସେବା ପ୍ରଦାନ, ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ନ୍ୟୁରୋ ସାଇନ୍ସରେ ନବସୃଜନକୁ ପ୍ରୋତ୍ସାହନ ମିଳିବ । ଏଥିସହିତ ଦେଶବ୍ୟାପି ଟେଲିମାନସ ସ୍ୱାସ୍ଥ୍ୟ ନେଟ୍‌ୱର୍କକୁ ଅଧିକ ସଶକ୍ତ କରିବା ଉପରେ ୱେବିନାରରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଭବିଷ୍ୟତ ରୂପରେଖ ପ୍ରସ୍ତୁତ ନେଇ ୱେବିନାରରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରଣାଳୟ କହିଛି ।

# ଜି୭-ଏମର୍ଜେନ୍ସି ମିଟ୍

ଆନ୍ତର୍ଜାତିକ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ନେଇ ଆଲୋଚନା କରିବାକୁ ଜି-୭ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀର ଏକ ଜରୁରୀକାଳୀନ

ବୈଠକ ଆଜି ଅନୁଷ୍ଠିତ ହେବ । ଆମେରିକା, ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ପରିସ୍ଥିତି ନେଇ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୧୨୦ ଆମେରିକୀୟ ଡଲାର୍‌କୁ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଏହି ବୈଠକ ଡକାଯାଇଥିବା ଜଣାପଡ଼ିଛି । ବ୍ରିଟେନ୍ ଚାନ୍‌ସେଲର ରାଚେଲ୍ ରିଭ୍‌ସଙ୍କ ସମେତ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀ ଏହି ବୈଠକରେ ଯୋଗଦେଇ ତୈଳ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱ ଅର୍ଥନୀତିରେ ପଡ଼ିବାକୁ ଥିବା ପ୍ରଭାବ ଉପରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଷ୍ଟ୍ରେଟ୍ ଅଫ୍ ହର୍‌ମୁଜ୍ ସମୁଦ୍ରପଥ ମାଧ୍ୟମରେ ଶକ୍ତି ଯୋଗାଣର ନିରନ୍ତରତା ସମ୍ପର୍କରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି । କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଏବଂ ଆମେରିକା ସମେତ ୟୁରୋପୀୟ ସଂଘ ଜି-୭ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ଅଛନ୍ତି ।

## ଭିବିଜି ରାମ୍ ଜି ଲୋଗୋ

ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜୀବିକା ମିଶନ୍ ଗ୍ରାମୀଣ ଆଇନ୍ ୨୦୨୫ ପାଇଁ ଏକ ଲୋଗୋ ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଉଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ନାଗରିକ ମାଇ ଗଭ୍ ପୋର୍ଟାଲ୍‌ରେ ପଞ୍ଜିକରଣ କରିବାକୁ କୁହାଯାଇଛି । ଆଇନ୍ ସମ୍ପର୍କିତ ଏକ

ସୃଜନଶୀଳ ତଥା ଅଭିନବ ଲୋଗୋ ପ୍ରସ୍ତୁତ କରିବା ପାଇଁ ଦେଶବାସୀଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

ମନୋନୀତ ଲୋଗୋଟି ସରକାରୀ ଭାବେ ବ୍ୟବହାର କରାଯିବା ସହ ଭବିଷ୍ୟତରେ ପ୍ରଚାର ଏବଂ ପ୍ରସାର ମୂଳକ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପଞ୍ଜିକରଣ ତଥା ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଶେଷ ତାରିଖ ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି । ପ୍ରତିଯୋଗିତାର ବିଜେତାଙ୍କୁ ୫୦ ହଜାର ଟଙ୍କାର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଝାଡ଼ଖଣ୍ଡ-ମାଓଇଷ୍ଟ ଆରେଷ୍ଟଡ୍

ଝାଡ଼ଖଣ୍ଡର ଗିରିଡିହ ଜିଲ୍ଲା ଅନ୍ତର୍ଗତ ବେଙ୍ଗାବାଦ୍ ଥାନା ଅଞ୍ଚଳରେ ଦୁଇ ଜଣ ମାଓବାଦୀଙ୍କୁ ଗିରଫ୍ କରାଯାଇଛି । ବିହାରର ସ୍ୱତନ୍ତ୍ର ଟାସ୍କଫୋର୍ସ୍ ଏବଂ ସ୍ଥାନୀୟ ପୁଲିସ୍‌ର ମିଳିତ ଅଭିଯାନରେ ଏହି ଦୁଇ ଜଣ ମାଓବାଦୀ ଗିରଫ୍ ହୋଇଥିବା ପୁଲିସ୍ କହିଛି । ଗିରଫ୍ ମାଓବାଦୀ ବିଭିନ୍ନ ମାଓ କାର୍ଯ୍ୟକଳାପରେ ଜଡ଼ିତ ରହିବା ସହ ସୁରକ୍ଷା ସଂସ୍ଥା ପାଇଁ ମୋଷ୍ଟ ୱାଣ୍ଟେଡ୍ ରହିଥିଲେ । ଗିରଫ୍ ପରେ ଆଇନ୍ ଅନୁଯାୟୀ ସେମାନଙ୍କ

ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୁଲିସ୍ ସୂଚନା ଦେଇଛି ।

## ଏଫ୍ଆଇଏଚ୍-ହକି

ଏଫ୍.ଆଇ.ଏଚ୍. ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ଭାରତୀୟ ମହିଳା ଦଳ ସ୍କଟ୍ଲାଣ୍ଡ ବିପକ୍ଷରେ ଖେଳିବ । ହାଇଦ୍ରାବାଦ୍ଠାରେ ପୁଲ୍-ବି'ର ଏହି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲିର ମ୍ୟାଚ୍ରେ ଭାରତୀୟ ମହିଳା ଦଳ ଉରୁଗୁଏକୁ ୪-୦ ଗୋଲ୍ରେ ପରାସ୍ତ କରିଥିଲା ।